## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୮୩ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ

ମାର୍ଶାଘାଇ,୩୦।୩(ସମିସ)

ମାର୍ଶାଘାଇ ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲ୍ଲାପାଳ ରଘୁରାମ ଆର. ଆୟାର, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆଙ୍କ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଛି। ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ ଉପସ୍ଥିତ ଥିଲେ। ଆଜି ଜନଶୁଣାଣିରେ ୮୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏଥିରେ ୨୧ଟି ସାମୂହିକ ଓ ୬୨ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ମାର୍ଶାଘାଇ ପଞ୍ଚାୟତ ସମିତି ବସୁ ନ ଥିବା ନେଇ ସମିତି ସଭ୍ୟ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଥିଲେ। ଗରଜଙ୍ଗା ପଞ୍ଚାୟତର କୁଆଁରପାଳ, ଆଠବାଟିଆ, ବଡ଼ପାଳରେ ପାନୀୟଜଳ ସମସ୍ୟା ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଶାସନିପଡ଼ା ଓ ଖର୍ଦ୍ଦାସାହିରେ ପାନୀୟଜଳ ସମସ୍ୟା ଯୋଗୁ ଲୋକେ ହନ୍ତସନ୍ତ ନେଇ ଅଭିଯୋଗ ହୋଇଛି। ଦଶିପୁର ଜଳପ୍ରକଳ୍ପ ଓଭରହେଡ ପାଣିଟାଙ୍କି ମରାମତି କରିବାକୁ ସରପଞ୍ଚ ବିକ୍ରମକେଶର ଦାଶ ଅଭିଯୋଗ କରିଥିଲେ। ଦୁମୁକା ରାସ୍ତା ପ୍ରଶସ୍ତୀକରଣ, ଗ୍ରାମର ପଟ୍ଟା ସଂଶୋଧନ କରିବାକୁ ଦାବି ହୋଇଥିଲା। ବେରୁହାଁ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ଏହାକୁ ତୁରନ୍ତ ଆରମ୍ଭ କରିବାକୁ ଦାବି ହୋଇଥିବାବେଳେ ବନ୍ଧସାହି ଗାଧୁଆ ତୁଠ ନିର୍ମାଣ ଦାବି କରାଯାଇଥିଲା। ତାଳସଙ୍ଗା ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ବଦଳି ପାଇଁ ଦାବି ହୋଇଛି। ୫୩ନଂ ଜାତୀୟ ରାଜପଥର ଦୁହୁରିଆ-ମାର୍ଶାଘାଇ ଦୂରତ୍ୱ ଚିହ୍ନିତ ବୋର୍ଡ ଲଗାଇବା ଓ ହଜାରୀ ଛକରୁ ସର୍ଭିସ ରୋଡ୍ ସଂକେତ ବୋର୍ଡ ଲଗାଇବାକୁ ଦାବି କରାଯାଇଥିଲା। ସେହିପରି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ ଦାସଙ୍କ ମିଟର ଟାପରିଂ ଦର୍ଶାଇ ଟାଟାପାୱାର ଜରିମାନା ବିରୋଧରେ ଉପଭୋକ୍ତା ଶ୍ରୀ ଦାସ ଜିଆରଏଫ ପାରଦୀପ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱରରେ ମିଟର ଯାଞ୍ଚ କରିବା ପରେ ମିଟର ଠିକ୍ ଥିବା ଜଣାପଡ଼ିଛି। ଏହା ସତ୍ତ୍ୱେ ଟାଟା ପାୱାର ବିଲ ସଂଶୋଧନ ନକରି ବକେୟା ଆଦାୟ କରିବାକୁ ଜୁଲମ କରୁଥିବା ଅଭିଯୋଗ ହୋଇଛି। ବିଡିଓ ପଞ୍ଚାନନ ମଲ୍ଲିକ୍, ତହସିଲଦାର ଶ୍ରୀକାନ୍ତ ପରିଜା, ରାଜେନ୍ଦ୍ର ପ୍ରସାଦ ସାହୁ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ବିଭାଗ ଅଧିକାରୀ ଯୋଗ ଦେଇଥିଲେ।

## କଲେଜ ଛାତ୍ରୀଙ୍କଠାରୁ ମୋବାଇଲ ଲୁଟିନେଲେ ଦୁର୍ବୃତ୍ତ

ପଟ୍ଟାମୁଣ୍ଡାଇ,୩୦।୩ (ସମିସ): ପଟ୍ଟାମୁଣ୍ଡାଇ କଲେଜର ଜଣେ ଛାତ୍ରୀ ଆଜି କଲେଜ ସାରି ଘରକୁ ଫେରୁଥିବାବେଳେ ପଟ୍ଟାମୁଣ୍ଡାଇ କେନାଲ ସଂଲଗ୍ନ ଅଳଭା କେନାଲ ନିକଟରେ ନିଛାଟିଆ ଦେଖି କେତେକ ଦୁର୍ବୃତ୍ତ ତାଙ୍କୁ ଭୟଭୀତ କରି ମୋବାଇଲ ଫୋନ ସହ ଫୋନ କଭର ଭିତରେ ଥିବା ୪, ୮୦୦ ଟଙ୍କା ଲୁଟି ନେଇଥିବା ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ସୁଶାନ୍ତ ସୂତାରଙ୍କ ଝିଅ ଶୁଭସ୍ମିତା ସୂତାର ପଟ୍ଟାମୁଣ୍ଡାଇ କଲେଜରେ +୩ ୨ୟ ବର୍ଷର ଛାତ୍ରୀ। ସେ ପ୍ରତ୍ୟେକ ଦିନ ସାଇକଲ ଯୋଗେ କଲେଜ ସାରି ନିଜ ଘର ଶ୍ରୀରାମପୁର ଯାଇଥା'ନ୍ତି। ଆଜି କଲେଜ ସାରି ଶୁଭସ୍ମିତା ସାଙ୍ଗ ସହିତ ଫେରୁଥିଲେ। ଅଳଭା କେନାଲ ନିକଟରେ ନିଛାଟିଆ ଥିବା ସୁଯୋଗରେ ମାଟିଆ ଗ୍ରାମର ଅନୁଆ ମଲିକ ଶୁଭସ୍ମିତା ଓ ତାଙ୍କ ସାଙ୍ଗକୁ ଭୟଭୀତ କରି ଶୁଭସ୍ମିତାଙ୍କ ମୋବାଇଲ ଛଡାଇ ନେଇ ବାଇକ ଯୋଗେ ଫେରାର ହୋଇଯାଇଥିଲା। ମୋବାଇଲ କଭର ମଧ୍ୟରେ ଥିବା ୪, ୮୦୦ ଟଙ୍କା ମଧ୍ୟ ଲୁଟ ହୋଇଛି। ଏ ସମ୍ପର୍କରେ ଶୁଭସ୍ମିତା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଏତଲା ଦେଇଛନ୍ତି। ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

## ବଡ଼ମାଣିତିଆ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ

କେନ୍ଦ୍ରାପଡ଼ା,୩୦।୩(ସମିସ): କେନ୍ଦ୍ରାପଡ଼ା ବ୍ଲକ ଅଧୀନ ସାନମାଣିତିଆ ପଞ୍ଚାୟତର ଜଗନ୍ନାଥସେବା ସଂସ୍ଥା ଆନୁକୂଲ୍ୟରେ ବଡ଼ମାଣିତିଆ ଶ୍ରୀଜଗନ୍ନାଥ ମନ୍ଦିରର ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବ ସୋମବାର ଉଦଘାଟିତ ହୋଇଛି। ସଭାପତି ସୁବାସ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଉପରେ ବହୁ ମୂଲ୍ୟବାନ ତତ୍ତ୍ୱଭିତ୍ତିକ ବକ୍ତବ୍ୟ ରଖିଥିଲେ। କେନ୍ଦ୍ରାପଡ଼ା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ନନ୍ଦ କିଶୋର ପରିଡ଼ା ଅନ୍ୟତମ ଅତିଥି ଭାବେ ଯୋଗଦେଇ ଜଗନ୍ନାଥଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷାବିତ ତ୍ରିଲୋଚନ ଜେନା, ବ୍ରହ୍ମାନନ୍ଦ ସାମଲ, ଦେବେନ୍ଦ୍ର ରାଉତ, ପ୍ରହଲ୍ଲାଦ ଦାସ, ଜଗଦାନନ୍ଦ ସ୍ୱାଇଁ, କେଶବ ବିଶ୍ୱାଳ ଓ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ମାନସ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଜଗନ୍ନାଥ ସେବା ସଂସ୍ଥାର ସମ୍ପାଦକ ରବୀନ୍ଦ୍ର ପରିଡା ବଡମାଣିତିଆରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ ସହ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଶ୍ରୀକ୍ଷେତ୍ରର ସୁନାମଧନ୍ୟ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ଆଜି ଅଙ୍କୁରାରୋପଣ ଓ ମଣ୍ଡଳକାରଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଆସନ୍ତାକାଲି କଳସଯାତ୍ରା, ଶାଳା ପ୍ରବେଶ, ଦେବତା ଆବାହନ, ଅଗ୍ନି ସ୍ଥାପନ, ମା' ବିମଳା ଦେବୀଙ୍କ ନୂତନ ମନ୍ଦିର ଅଧିବାସ, ଆଳତୀ ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯିବ।

## ବେଲାରପୁର ସାହୁ ସାହିରେ ପୁରାଣ ସପ୍ତାହ

ପଞ୍ଚୁପାଣ୍ଡବ,୩୦।୩(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମର ସାହୁ ସାହିରେ ସପ୍ତାହ ପୁରାଣ ପାଳନ ହେଉଛି। ଏହି ସପ୍ତାହ ପାଳନ ସାତଦିନ ଧରି ଚାଲିବ ବୋଲି ପରିଚାଳକ ନିରଞ୍ଜନ ସାହୁ କହିଛନ୍ତି। ସାହୁ ସାହିର ସପ୍ତାହ ଟୁଙ୍ଗି ପରିସରରେ ପ୍ରତିଦିନ ଭଜନ କୀର୍ତ୍ତନ ହେଉଥିବା ଦେଖିବାକୁ ମିଳୁଛି। ପୂଜକ ଭାବେ ଭାଗୀରଥି କର ପୂଜା କରୁଥିବାବେଳେ ଶ୍ରୋତା ବିଷ୍ଣୁ ଚରଣ ଷଣ୍ଢ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ଶ୍ରୀରାମପୁର ଶ୍ରୀରାମ ମନ୍ଦିର ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ,୩୦।୩(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଶ୍ରୀରାମ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ୨୬, ୨୭, ୨୮ ତାରିଖ ୩ ଦିନ ଧରି ପବିତ୍ର ଶ୍ରୀରାମ ନବମୀ ଅବସରରେ ଯୁବ ସମାଜସେବୀ ଉତ୍ତମ ଖୁଣ୍ଟିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପୂଜକ ରବୀନ୍ଦ୍ର ପଣ୍ଡା ପ୍ରଭୁ ଶ୍ରୀରାମ, ମା' ସୀତା, ପ୍ରଭୁ ଲକ୍ଷ୍ମଣ ଓ ପ୍ରଭୁ ହନୁମାନଜୀଉଙ୍କ ଯଥାବିଧି ପୂଜାର୍ଚ୍ଚନା କରିଥିଲେ। ଏ ଅବସରରେ ୩ଦିନ ବ୍ୟାପି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ବିଦ୍ୱାନ ବେଦଜ୍ଞ ବ୍ରାହ୍ମଣ ପଣ୍ଡିତ ଯୋଗଦେଇ ଯଜ୍ଞ କାର୍ଯ୍ୟକ୍ରମ ଯଥାବିଧି ସମ୍ପନ୍ନ କରିଥିଲେ। ବାର୍ଷିକ ଉତ୍ସବରେ ପ୍ରତ୍ୟହ ସନ୍ଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ଭଗବାନ ଶ୍ରୀରାମଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଶ୍ରୀରାମ ମନ୍ଦିର ବାର୍ଷିକ ଉତ୍ସବର ବିଭିନ୍ନ ଦିବସରେ ପୂର୍ବତନ ବିଧାୟକ କିଶୋର ତରାଇ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାନସ ରଞ୍ଜନ ସାମଲ, ଜିଲ୍ଲା ଶ୍ରୀରାମ ସେନା ସଭାପତି ଶାରଦା ରାଉତ, ରାଜ୍ୟ ବିଜେପି ଯୁବମୋର୍ଚ୍ଚା ନେତା ଶଶୀକାନ୍ତ ମଲିକ ପ୍ରମୁଖ ଯୋଗଦେଇ ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ତିନିଦିନ ବ୍ୟାପି ଆୟୋଜିତ ବାର୍ଷିକ ଉତ୍ସବର ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓଡିଶାର ପ୍ରସିଦ୍ଧ ପ୍ରବଚକ ମାଳିକା ବିଚାରକ ପ୍ରମୋଦ ପୃଷ୍ଟି, କୁନି ପ୍ରବଚକ କେଶବ ଦାସ, ଦ୍ୱିତୀକ୍ରିଷ୍ଣ ଦିବ୍ୟ ପ୍ରବଚନ ପ୍ରଦାନ କରିବା ସହିତ ବିଶିଷ୍ଟ କଣ୍ଠଶିଳ୍ପୀ ରବୀନ୍ଦ୍ର ମହାପାତ୍ର ଓ ପ୍ରାର୍ଥନା ଟିଭିର ଭଜନ ଅନ୍ତାକ୍ଷରୀ ଦଳ ଭକ୍ତି ରସାତ୍ମକ ଭଜନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀରାମପୁର ଗ୍ରାମବାସୀ ପରିଚାଳନା କରିଥିଲେ।

## ଜୋରଦାର ହେଲା ବ୍ରାହ୍ମଣୀ ବ୍ଲକ୍ ଓ ତହସିଲ ଗଠନ ଦାବି

ପଟ୍ଟାମୁଣ୍ଡାଇ,୩୦।୩ (ସମିସ): ପଟ୍ଟାମୁଣ୍ଡାଇ ଓ ଆଳି ବ୍ଲକର ଉପାନ୍ତ ଧୋୟାଞ୍ଚଳର ୧୮ଟି ପଞ୍ଚାୟତକୁ ନେଇ ନୂତନ ବ୍ରାହ୍ମଣୀ ବ୍ଲକ୍ ଓ ତହସିଲ ଗଠନ ଦାବିକୁ ଜୋରଦାର କରିବା ପାଇଁ ଆଜି ପଟ୍ଟାମୁଣ୍ଡାଇ ବ୍ଲକ ବଲୁରିଆରେ ବ୍ରାହ୍ମଣୀ ବ୍ଲକ ଗଣସଂଗ୍ରାମ ସମିତି ଆବାହକ ଅଭିମନ୍ୟୁ ମଲ୍ଲିକଙ୍କ ପୌରୋହିତ୍ୟ ଓ ଯୁବନେତା ସଂଜୀବ ରାଉତଙ୍କ ସଂଯୋଜନାରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ପ୍ରତିନିଧିଙ୍କୁ ନେଇ ବିରାଟ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଚନ୍ଦ୍ରଭାନୁ ମଲ୍ଲିକ, ବିଜୟ ସାମଲ, ଆଦିକନ୍ଦ ଦାସ, ରତିକାନ୍ତ ସାହାଣୀ, ସତ୍ୟରଞ୍ଜନ ସୁନ୍ଦରାୟ, ଅଭୟ ସ୍ୱାଇଁ, ସୁଧାଂଶୁ ଦାଶ, ମନୋରମା ଭୂୟାଁ, ମମତାରାଣୀ ନାୟକ, ବିଘ୍ନେଶ ନାୟକ, କହ୍ନେଇ ନାୟକ, ଅଶୋକ ସାହୁ ପ୍ରମୁଖ ଯୋଗଦେଇ ଉପାନ୍ତ ଅଞ୍ଚଳର ଜନସାଧାରଣଙ୍କ ନିକଟରେ ପ୍ରଶାସନିକ ସେବା ପହଞ୍ଚାଇବା ପାଇଁ ବ୍ରାହ୍ମଣୀ ବ୍ଲକ ଗଠନର ଆବଶ୍ୟକତା ସମ୍ପର୍କରେ ମତ ଉପସ୍ଥାପନ କରି ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ। ସଭାରେ ବିଶ୍ୱଜିତ ରାଉତ, ସୁରେଶ ଦାଶ, ଗଣେଶ ଦାଶ, ଜାନକୀ ମହାନ୍ତି, ପ୍ରଭାବତୀ ବାରିକ, ତପସ୍ୱିନୀ ମିଶ୍ର, ଗୋଲାପ ମହାନ୍ତି, ମଞ୍ଜୁଲତା ନାୟକ ପ୍ରମୁଖ ବହୁ ଶିକ୍ଷାବିତ, ସମାଜସେବୀ ଓ ନାରୀନେତ୍ରୀ ଯୋଗ ଦେଇଥିଲେ। ତ୍ରିନାଥ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ଦୈତାରିପୁର ଗ୍ରାମରେ ବାସନ୍ତୀ ଦୁର୍ଗାପୂଜା

ଗୋବିନ୍ଦପୁର,୩୦।୩(ସମିସ): ଆଳି ବ୍ଲକ ଅନ୍ତର୍ଗତ ପଦନିପାଳ ପଞ୍ଚାୟତର ଦୈତାରିପୁର୍ ଗ୍ରାମରେ ୨୮ତମ ମା' ବାସନ୍ତୀ ଦୁର୍ଗାପୂଜା ପାଳନ କରାଯାଇଛି। ମହାସପ୍ତମୀ, ମହାଷ୍ଟମୀ, ମହାନବମୀ ଓ ବିଜୟା ଦଶମୀ ସହ ଗ୍ରାମସ୍ଥ ହନୁମାନ ପୀଠରେ ବାର୍ଷିକ ଉତ୍ସବ, ସତ୍ୟନାରାୟଣ ପୂଜା ଅନୁଷ୍ଠିତ ହୋଇଥଲା। ଗାୟିକା ସୁଭଦ୍ରା ବେହେରା ଓ ସାଥୀ ପାଲା ପରିବେଷଣ କରିଥିଲେ। ବାଣ, ରୋଷଣୀ ପଟୁଆରରେ ଶ୍ରୀରାମ ଓ ମା' ସୀତାଙ୍କ ବିବାହ ଉତ୍ସବ ହୋଇଥଲା। ପ୍ରତ୍ୟେକ ଦିନ ଧର୍ମ ଆଲୋଚନା କରାଯାଇଥିଲା। ସଂଗୀତ ସନ୍ଧ୍ୟା ଓ ମହାମନ୍ତ୍ର କୀର୍ତ୍ତନ ସମାହିତ ହୋଇଥଲା। ମୁଖ୍ୟ ପୂଜକ ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ, ସହକାରୀ ଭାବେ କର୍ମକାଣ୍ଡବିତ ରଂଜିତ ତ୍ରିପାଠୀ, ରମଣୀ ରଞ୍ଜନ ପତି ଯୋଗଦେଇ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କମିଟି ସଦସ୍ୟ ଓ ଗ୍ରାମବାସୀ ପରିଚାଳନରେ ସହଯୋଗ କରିଥିଲେ।

## ନାଉକୋଣାରେ ବାସନ୍ତିକ ଦୁର୍ଗାପୂଜା ଉତ୍ସବ



ରାଜନଗର, ୩୦।୩(ସମିସ): ନାଉକୋଣା ମା' ବାସନ୍ତୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବାସନ୍ତିକ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏ ଉପଲକ୍ଷେ ଗୋମାତା ପୂଜା, ହରିହାଟ ଓ ଭଜନ ସମାରୋହ ସହିତ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଶେଷ ଦିବସରେ ପୂଜ୍ୟପୂଜା ପରମ୍ପରା ଅନୁଯାୟୀ ଗ୍ରାମର ଦିବଂଗତ ବିଶିଷ୍ଟ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ ସଭା ଓ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସନାତନ ବେହେରା, ସମାଜସେବୀ ବାସୁଦେବ ନାୟକ, ହରେକୃଷ୍ଣ ସ୍ୱାଇଁ ଓ ନଟବର ମହାନ୍ତିଙ୍କ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରାଯାଇଥିଲା। ଏ ଅବସରରେ ଜିଏମ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ଜ୍ଞାନରଞ୍ଜନ ସ୍ୱାଇଁଙ୍କୁ ରାଜନୀତି ବିଜ୍ଞାନ, ନିଗମାନନ୍ଦ ମହାବିଦ୍ୟାଳୟ ଅଧ୍ୟାପକ ଡଃ ବିଚିତ୍ର ପରିଡାଙ୍କୁ ଇତିହାସ ଓ ଆଇଜିଏଚଟି ସାରଙ୍ଗର ଅଧ୍ୟାପକ ଡଃ ଦେବାଶିଷ ନାୟକଙ୍କୁ ଇଂରାଜୀ ବିଭାଗ ପାଇଁ ସମ୍ମାନିତ କରାଯାଇଥିଲା। ସଭାପତି ରବୀନ୍ଦ୍ର ପଢିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଶାସକ ଡଃ କେଳୁଚରଣ ସ୍ୱାଇଁ ମୁଖ୍ୟଅତିଥି, ଶିକ୍ଷାବିତ କ୍ଷୀରୋଦ ମଲ୍ଲିକ, ଶିକ୍ଷାବିତ ଡଃ ସଂଗ୍ରାମ ମଲ୍ଲିକ, ଶିକ୍ଷାବିତ ସୁନାକର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ପାଦକ ରବୀନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ବେଆଇନ ଚିଙ୍ଗୁଡ଼ିଘେରି ଉଚ୍ଛେଦ ବେଳେ ବନ ବିଭାଗ କର୍ମଚାରୀଙ୍କୁ ମାଡ଼ ଘଟଣା

# ରିକ୍ୟୁଏସନ ସତ୍ତ୍ୱେ କାହିଁକି ଯାଇ ନ ଥିଲା ପୁଲିସ

ରାଜନଗର, ୩୦।୩(ସମିସ)

ଭିତରକନିକା ଅଞ୍ଚଳରୁ ୨୮ ତାରିଖ ଦିନ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ବେଳେ ବନ ବିଭାଗ କର୍ମଚାରୀଙ୍କୁ ଘେରି ମାଲିକ ମରଣାନ୍ତକ ଆକ୍ରମଣ କରିଥିଲେ। ଚିଙ୍ଗୁଡ଼ି ଘେରି ଭଙ୍ଗା ଯାଉଥିବାବେଳେ ଫାଇନାନ୍ସର ଓ ବାହାର ଲୋକ ପହଞ୍ଚି ବନ କର୍ମଚାରୀଙ୍କୁ ବିରୋଧ କରିବା ସହ ମାଡ଼ ମାରିଥିଲେ। ବନ କର୍ମଚାରୀ ଅର୍ଜୁନ ମଣ୍ଡଳ ଗୁରୁତର ଆହତ ହୋଇ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ ହୋଇଥିଲେ। ଗତକାଲି ରାତିରେ ଘରକୁ ଫେରିବା ପରେ ପୁଲିସ କିପରି ତାଙ୍କୁ ମାଡ଼ ମାରିଥିବା ଅଭିଯୁକ୍ତଙ୍କୁ ତାଙ୍କ ସହ ଗାଡ଼ିରେ ଆଣି ଅଧ ବାଟରେ ଛାଡିଦେଲା, ସେ ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବନ ବିଭାଗର ଏତଲା ପରେ ଅଭିଯୁକ୍ତଙ୍କ ପକ୍ଷରୁ ପାଲଟା ଅଭିଯୋଗ ବନ କର୍ମଚାରୀଙ୍କ ନାମରେ ଅଭିଯୋଗ କରାଯାଇଛି ଓ ମାମଲା ରୁଜୁ ହୋଇଥିବା ଜଣାପଡିଛି।

ଭିତରକନିକା ଜାତୀୟ ଇକୋ ସେନସେଟିଭ ଜୋନ ଆଇନ, ସିଆରଜେଡ ଆଇନ, ଭିତରକନିକା ଜାତୀୟ ଉଦ୍ୟାନ ଆଇନ, ଭିତରକନିକା ଅଭୟାରଣ୍ୟ ଆଇନକୁ ଉଲ୍ଲଘଂନ କରାଯାଇ ନଦୀ କୂଳେ କୂଳେ ଏପରିକି ଭିତରକନିକା ଜାତୀୟ ଉଦ୍ୟାନ ଭିତରେ ଚିଙ୍ଗୁଡିଘେରି ଭାଙ୍ଗିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ୨୮ ତାରିଖ ଦିନ ବେଆଇନ ଚିଙ୍ଗୁଡି ଘେରି ଭାଙ୍ଗିବାକୁ ବନ ବିଭାଗ ଟିମ ଗୋପାଳଜୀଉପାଟଣାରେ ବେଆଇନ ଘେରି ଘଙ୍ଗିବା ବେଳେ ଘେରି ମାଲିକ, ଫାଇନାନ୍ସର ଓ କିଛି ବାହାର ଲୋକ ପହଞ୍ଚି ବନ କର୍ମଚାରୀ ଅର୍ଜୁନ ଦଳେଇଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣା ଘଟିବାର ଅଧ ଘଣ୍ଟା ପରେ ପୁଲିସ ପହଞ୍ଚି ଶମ୍ଭୁନାଥ ମଣ୍ଡଳ ଓ ଅନ୍ୟ ୨ ଜଣଙ୍କୁ ଥାନାକୁ

### ପୁଲିସ ଗାଡ଼ିରେ ଆସିଥିବା ୩ ଅଭିଯୁକ୍ତଙ୍କୁ ବାଟରେ ଛାଡ଼ିଦେଇଥିବା ଅଭିଯୋଗ

ଆଣିଥିଲା। ମାଡ଼ ଖାଇଥିବା ବନ କର୍ମଚାରୀ ଅର୍ଜୁନ ମଣ୍ଡଳଙ୍କ ସହିତ ଶମ୍ଭୁନାଥ ମଣ୍ଡଳ ଓ ଅନ୍ୟ ୨ ଜଣଙ୍କୁ ତାଳଚୁଆ ସାମୁଦ୍ରିକ ଥାନା ଗାଡ଼ିରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲା। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ମାଡ଼ ଖାଇଥିବା ଅର୍ଜୁନ ଦଳେଇ ପହଞ୍ଚିଥିଲେ। ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତରିତ କରାଯାଇଥିଲା। ତାଙ୍କୁ ମାଡ଼ ମାରିଥିବା ୩ ଅଭିଯୁକ୍ତଙ୍କୁ ପୁଲିସ ଖୋଳା ନିକଟରେ ଛାଡି ଦେଇଥିଲା ବୋଲି ଅର୍ଜୁନ ଗୁରୁତର ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏସିଏଫ ମାନସ ଦାସଙ୍କ କହିବା ମୁତାବକ ଘେରି ଭଙ୍ଗାଯିବା ସମୟରେ ଉପସ୍ଥିତ ରହିବାକୁ ତାଳଚୁଆ ସାମୁଦ୍ରିକ ଥାନା ପୁଲିସକୁ ରିକ୍ୟୁଏସନ ଦିଆଯିବା ସହିତ ଟେଲିଫୋନ ଯୋଗେ ମଧ୍ୟ କୁହାଯାଇଥିଲା। ଏହାସତ୍ତ୍ୱେ ପୁଲିସ ଗଣ୍ଡଗୋଳ ପରେ କାହିଁକି ପହଞ୍ଚିଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଏସିଏଫ ମାନସ ଦାସ, ମାଡ଼ ଖାଇଥିବା କର୍ମଚାରୀ ଅର୍ଜୁନ ଦଳେଇ, ଫରେଷ୍ଟ ଗାର୍ଡ ସତୀଶ ଲାକ୍ରାଙ୍କ ଅଭିଯୋଗ ଉପରେ ମାମଲା ରୁଜୁ ହୋଇଛି। ମଇନା ଜେନା, ସନ୍ଧ୍ୟାରଣୀ ମଣ୍ଡଳଙ୍କ ଅଭିଯୋଗ ମୁତାବକ ବନ ବିଭାଗ ଟିମ ଘେରି ଭାଙ୍ଗିବାକୁ ପହଞ୍ଚିବା ପରେ ନ ଭାଙ୍ଗିବାକୁ ଆମେ ନେହୁରା ହୋଇଥିଲୁ। ସେମାନେ ନ ଶୁଣି ଟଣାଓଟରା କରିବା ସହିତ ଟେକି ନେଉଥିଲେ। ସେହି ବାଟ ଦେଇ ଯାଉଥିବା ଶମ୍ଭୁନାଥ ମଣ୍ଡଳ ଆସି ପ୍ରତିବାଦ କରିବାରୁ ତାଙ୍କ ହାତ ମୋଡି ଭାଙ୍ଗିଦେବା ସହିତ ତାଙ୍କୁ ବନ କର୍ମଚାରୀ ମାଡ ମାରିଥିଲେ। ସେମାନେ ପିନ୍ଧିଥିବା ସୁନା ଚେନ ଓ ମୁଦି ନେଇଯାଇଥିବା ଏତଲାରେ ଦର୍ଶାଯାଇଛି। ଯଦି ଶମ୍ଭୁନାଥଙ୍କ ହାତ ଭାଙ୍ଗିଥିଲା ଓ ଗୁରୁତର ଆହତ ଥିଲେ ପୁଲିସ ମେଡିକାଲ ଆଣିବା ବାଟରେ ଛାଡିଦେଲା କାହିଁକି? ତାହାକୁ ନେଇ ପ୍ରଶ୍ନ ଉଠିଛି। ମାତ୍ର ବନ ବିଭାଗ ଅଧିକାରୀଙ୍କ ନାଁରେ ତାଳଚୁଆ ଥାନାରେ କାଉଣ୍ଟର ଅଭିଯୋଗ ରୁଜୁ ହୋଇଥିବା ଆଇଆଇସି ସନ୍ଧ୍ୟାରାଣୀ ଜେନା ସୂଚନା ଦେଇଥିବାବେଳେ ଅନ୍ୟ ପ୍ରସଙ୍ଗରେ କିଛି ନ କହି ଫୋନ କାଟି ଦେଇଥିଲେ।

## ଶ୍ରୀରାମ ଗାଥା ଅଭିନୟର ସୁବର୍ଣ୍ଣ ଜୟନ୍ତୀ

ଡେରାବିଶ, ୩୦।୩(ସମିସ): ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତାମୂଳସ୍ଥ ଇଚ୍ଛାବିହାରୀ କ୍ଷେତ୍ରସ୍ଥ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମ ଗାଥା ଅଭିନୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଗତକାଲି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅର୍ତାମୂଳ, ଖାନନଗର ଓ ପାଣିଓଳା ଗ୍ରାମବାସୀଙ୍କ ଦ୍ୱାରା



ଶ୍ରୀଶ୍ରୀ ରଘୁନାଥଜୀଉ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଯାତ୍ରା ଉତ୍ସବର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ସଭାରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ନୀଳକଣ୍ଠ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ପ୍ରେମସାଗର ବାବା ଅରକ୍ଷିତ ଦାସମହାରାଜ ଓ ମୁଖ୍ୟବକ୍ତା ଭାବେ ମାନସ ଭୂଷଣ ପଣ୍ଡିତ ହୃଷିକେଶ ରଥ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉପଦେଷ୍ଟା ଶିକ୍ଷାବିତ୍ ବେଣୁଧର ପ୍ରଧାନ, ପଣ୍ଡିତ ଅଭୟ ଦାସ, ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ, ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ଶିକ୍ଷା ସଂଗଠକ ପ୍ରଦୀପ ନାୟକ, ସମାଜସେବୀ ସୁଖଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପରିଷଦର ସମ୍ପାଦକ ସୁରେନ୍ଦ୍ର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ରାମଗାଥା ଅଭିନୟର ପୁରାତନ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବଂଗତ କଳାକାରଙ୍କ ଆତ୍ମାର ସଦ୍‌ଗତି ପାଇଁ ଶ୍ରୀରାମଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ଅଧ୍ୟାପକ ରମେଶ ଶତପଥି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି କଳ୍ପତରୁ ଶତପଥୀ, ଅଜୟ ନାୟକ, ଦେବେନ୍ଦ୍ର ବେହେରା, ରବୀନ୍ଦ୍ର ବଳ, ଦେବେନ୍ଦ୍ର ବାରିକ, ଯୁଗଳ ପ୍ରଧାନ, ଅକ୍ଷୟ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଦସ୍ୟ ଅନଙ୍ଗ ସ୍ୱାଇଁ, ଶୈଳେନ୍ଦ୍ର ବଳ, ଶ୍ରୀକାନ୍ତ ବେହେରା, ଅବିନାଶ ପ୍ରଧାନ, ଅରବିନ୍ଦ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ଓମ୍‌ପ୍ରକାଶଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା



ଡେରାବିଶ, ୩୦।୩(ସମିସ): ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ଛାତ୍ର ଓମ୍‌ପ୍ରକାଶ ରଥଙ୍କ ପ୍ରବନ୍ଧକୁ ପ୍ରଧାନମନ୍ତ୍ରୀ ତାଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଶଂସା କରିଥିବାରୁ ମହାବିଦ୍ୟାଳୟ ପକ୍ଷରୁ ଓମ୍ ପ୍ରକାଶଙ୍କୁ ଆଜି ସମ୍ବର୍ଦ୍ଧିତ କରାଯାଇଛି। ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ ବଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ପ୍ରାଧ୍ୟାପକ ବିନୟ ଷଡ଼ଙ୍ଗୀ ଓ ପ୍ରାଧ୍ୟାପିକା ମିନାକ୍ଷୀ ପ୍ରଧାନ ଯୋଗଦେଇ ଓମ୍‌ପ୍ରକାଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ପ୍ରଦୀପ ରାଉତ ଅତିଥି ପରିଚୟ ପ୍ରଦନ କରିଥିବାବେଳେ ଅଧ୍ୟାପକ ପ୍ରଭାକର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ସୁକନ୍ୟା ମହାନ୍ତି ମଞ୍ଚ ସଂଯୋଜନା କରିଥିବାବେଳେ ଅଧ୍ୟାପକ ପ୍ରତାପ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ରମାକାନ୍ତ ଦାସ, ଦିବ୍ୟକୁମାର ଦାସ, ବରଦା ଜେନା, ଶଶୀଭୂଷଣ ଜେନା, ବିଶ୍ୱରଞ୍ଜନ ମିଶ୍ର, ହରେକୃଷ୍ଣ ସାହୁ, ବିମଳ ବାରିକ, ଅଧ୍ୟାପିକା ଝରାଶ୍ରୀ ପରିଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ୫ ଗୋରୁ ଉଦ୍ଧାର, ୨ ପିକଅପ୍ ଭ୍ୟାନ୍ ଜବତ





ପରଜଙ୍ଗ,୩୦ ।୩(ସମିସ): ଚୋରା ଗୋରୁଚାଲାଣ ହେଉଥିବା ବେଳେ ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅନ୍ତର୍ଗତ ଭାଲୁମୁଣ୍ଡା-ଆଲୁଅଝରଣ ପୂର୍ତ୍ତ ବିଭାଗ ରାସ୍ତାର ଅଁଳାକଟା ଗ୍ରାମ ନିକଟରୁ ସାମାଜିକ ସଙ୍ଗଠନ ମାରୁତି ସେନାର ସଦସ୍ୟ ଓ ସ୍ଥାନୀୟ ବାସିନ୍ଦା ଦୁଇ ପିକଅପ ଭ୍ୟାନ ଓ ୫ ଗୋରୁଙ୍କୁ ଉଦ୍ଧାର କରି ପୁଲିସ ଜିମା ଦେଇଛନ୍ତି। ଦୁଇଟି ପିକଅପ ଭ୍ୟାନ ଯୋଗେ ଗୋରୁଚାଲାଣ ହେଉଥିବା ବେଳେ ସୋମବାର ଭୋର ସମୟରେ କିଛି ସ୍ଥାନୀୟ ଲୋକ ଓ ମାରୁତିସେନା ସଦସ୍ୟ ଏହାକୁ ଅଟକାଇ ଜବତ କରିଥିଲେ। ୨ ପିକଅପରେ ୭ ଗୋରୁ ବେଆଇନ ଭାବେ ଚାଲାଣ ହେଉଥିବା ବେଳେ ସେଗୁଡ଼ିକ ପରଜଙ୍ଗ ଅଞ୍ଚଳରୁ ଯାଜପୁର ଚାଲାଣ ହେଉଥିବା ଜଣାପଡ଼ିଥିଲା। ତେବେ ୨ ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ପାଞ୍ଚଟି ଗୋରୁ ଓ ଦୁଇ ପିକଅପ ଭ୍ୟାନକୁ ସାଆନ୍ଦା ଫାଣ୍ଡି ଜିମା ଦେଇଛନ୍ତି ସ୍ଥାନୀୟ ଲୋକେ। ପରଜଙ୍ଗ ଅଞ୍ଚଳରୁ ବହୁ ପରିମାଣରେ ବେଆଇନ ଗୋରୁଚାଲାଣ ହେଉଥିବା ବେଳେ ଏହା ଉପରେ ରୋକ ଲଗାଇବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏନେଇ ସାଆନ୍ଦା ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ଜଳନ୍ଧର ବାରିକ କହିଛନ୍ତି ଯ ବେଆଇନ କାର୍ଯ୍ୟ ସୂଚନା ମିଳିବା ମାତ୍ରେ ଚଢ଼ଉ ଜାରି ରହିବ।

# ସାଆନ୍ଦା ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା
# ରାସ୍ତାରେ ଧାନ ରଖି ଚାଷୀଙ୍କ ଆନ୍ଦୋଳନ

ପରଜଙ୍ଗ,୩୦ ।୩(ସମିସ)

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସାଆନ୍ଦା କୃଷି ସମବାୟ ସମିତି କାର୍ଯ୍ୟାଳୟ ଅଧୀନରେ ହେଉଥିବା ଧାନ ମଣ୍ଡିରେ ବ୍ୟାପକ ଦୁର୍ନୀତି ସହ ଅନିୟମିତତା ଅଭିଯୋଗ ଆଣିଛନ୍ତି ଚାଷୀ। ଯେଉଁ ଚାଷୀମାନେ ଫେବୃଆରୀରେ ଟୋକୋନ ପାଇଥିଲେ ସେମାନଙ୍କ ଧାନ ଉଠୁ ନ ଥିବା ବେଳେ ଯେଉଁ ଚାଷୀମାନେ ମାର୍ଚ୍ଚ ପାଇଁ ଟୋକନ ପାଇଥିଲେ ସେମାନଙ୍କ ଧାନ ତଞ୍ଚକତା କରି ସମିତି ସମ୍ପାଦକ ସିଧାସଳଖ ଖର୍ଚ୍ଚ ନେଇ ବିନା ମଣ୍ଡିରେ ଧାନକୁ ଚାଷୀଙ୍କ ଖର୍ଚ୍ଚରେ ମିଲ୍‌କୁ ପଠାଉଛନ୍ତି। ଏପଟେ ଶତାଧିକ ଚାଷୀଙ୍କ ଧାନ ବିକ୍ରି ହୋଇ ନ ପାରି ମାସ ମାସ ଧରି ମଣ୍ଡିରେ ପଡ଼ିରହିଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ସମିତି ସମ୍ପାଦକ ପ୍ରଦୀପ ପାଣି କର୍ଣ୍ଣପାତ ନ କରିବାରୁ ସୋମବାର ସକାଳ ୮ଟାରେ ଶତାଧିକ ଚାଷୀ ସମିତି କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଏଥିସହ ଭାଲୁମୁଣ୍ଡା-ଆଲୁଅଝରଣ ପୂର୍ତ୍ତ ବିଭାଗ ରାସ୍ତାର ସମିତି କାର୍ଯ୍ୟାଳୟସମ୍ମୁଖରେଧାନରଖିରାସ୍ତାଅବରୋଧକରିଥିଲେ।



ସୂଚନା ମୁତାବକ ସାଆନ୍ଦା ଅଞ୍ଚଳର ଶତାଧିକ ଚାଷୀ ମଣ୍ଡିରେ ଧାନ ବିକ୍ରୀ କରିବାକୁ ମାର୍ଚ୍ଚ ୭ ତାରିଖ ସୁଦ୍ଧା ମଣ୍ଡିରେ ଧାନ ଦେବାକୁ ଟୋକୋନ୍ ପାଇଥିଲେ। ମଣ୍ଡିକୁ ଧାନ ଆଣି ରଖିଛନ୍ତି। ମାତ୍ର ଚାଷୀମାନେ ସମିତି କାର୍ଯ୍ୟାଳୟକୁ ବାରମ୍ବାର ଦୌଡି ଥିଲେ ମଧ୍ୟ ଧାନ ନେବାକୁ ସମିତି ସମ୍ପାଦକ ରାଜି ହୋଇନଥିଲେ। ଶନିବାର ମାର୍ଚ୍ଚ ୨୯ରେ ଧାନ ନେବାକୁ ସମ୍ବଲପୁରର ମିଲର ୩ଟି ଟ୍ରକ ପଠାଇଥିବା ବେଳେ ଲେବର ସମସ୍ୟା ଦେଖାଇ ସମ୍ପାଦକ ମଣ୍ଡି ନକରି ଟ୍ରକଗୁଡ଼ିକୁ ଫେରାଇ ଦେଇଥିଲେ। ଏକ ମାସ ହେବ ମଣ୍ଡିରେ ଧାନ ଆଣି ଚାଷୀମାନେ ରଖିଥିବା ବେଳେ ତାଙ୍କ ପାଇଁ ଉଦ୍ଦିଷ୍ଟ ବିଶ୍ରାମ ଗାର ଏବଂ ଶୌଚାଳୟକୁ ସମ୍ପାଦକ ତାଲା ପକାଇ ରଖିଛନ୍ତି ଫଳରେ ଚାଷୀମାନେ ଖୋଲା ଆକାଶ ତଳେ ରାତିସାରା ରହୁଛନ୍ତି। ଧାନ ଘୋଡାଇବାକୁ ଚାଷୀଙ୍କ ପାଇଁ ମିଳୁଥିବା ଜରିପାଲକୁ ମଧ୍ୟ କାର୍ଯ୍ୟାଳୟରେ ରଖାଯାଇଛି କିନ୍ତୁ ଚାଷୀଙ୍କୁ ଦିଆଯାଉନାହିଁ। ସମ୍ପାଦକ ପ୍ରଦୀପ ପାଣି ଏଠାରେ ବର୍ଷ ବର୍ଷ ଧରି ରହିଥିବାରୁ ତାଙ୍କୁ ତୁରନ୍ତ ଏଠାରୁ ବଦଳି କରିବାକୁ ଚାଷୀ ମାନେ ଦାବି କରିଛନ୍ତି। ମଣ୍ଡିରେ ଏହିଭଳି ଅବ୍ୟବସ୍ଥା ଲାଗିରହିଥିଲା ସୁଦ୍ଧା ପରଜଙ୍ଗ ସହକାରୀ ଯୋଗାଣ ନିରୀକ୍ଷକ ଉଦିତ କୁମାର ସେଠୀ ଦିନେ ହେଲେ ମଣ୍ଡିକୁ ଆସିନଥିବା ଚାଷୀମାନେ ଉପ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାୟକ, ପରଜଙ୍ଗ ଥାନା ଅଧିକାରୀ ଧିରେନ କୁମାର ବେହେରା, ପରଜଙ୍ଗ ଥାନା ଏସଆଇ ଦେବଗ୍ରାହୀ ମହାନ୍ତି, ପ୍ରମୋଦ କୁମାର ସାହୁ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିଲେ। ଉପଜିଲ୍ଲାପାଳ ସମିତି ସମ୍ପାଦକଙ୍କୁ ଡକାଇ ଆଲୋଚନା କରିବା ସହ ମିଲରଙ୍କ ସହ ଆଲୋଚନା କରିଥିଲେ। ବାକିଥିବା ୪୮୦୦ କ୍ୱିଣ୍ଟାଲ ଧାନକୁ ଚାଷୀଙ୍କଠାରୁ ସମ୍ପୂର୍ଣ୍ଣ ନିଆଯିବ ଏବଂ କ୍ରମିକ ନମ୍ବରକୁ ସମିତି କାନ୍ଥରେ ମରାଯାଇ ସେହି ହିସବାରେ ଚାଷୀଙ୍କ ଧାନ ଉଠାଯିବ ବୋଲି ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।

# କାଜୁ ବଗିଚା ପାଲଟିଛି ଜୁଆଡ଼ିଙ୍କ ଆଡ୍ଡାସ୍ଥଳୀ

ଗଁଦିଆ,୩୦ ।୩(ସମିସ): ଦିନକୁ ଦିନ ଗଁଦିଆ ଓ ଏହାର ଆଖ ପାଖ ଅଞ୍ଚଳ ପାଲଟିଛି ଜୁଆଡ଼ିଙ୍କ ଆଡ୍ଡାସ୍ଥଳୀ। ବିଶେଷ କରି ଶ୍ରୀରାମଚନ୍ଦ୍ରପୁର ରାଜସ୍ୱ ଗ୍ରାମରେ ଥିବା କାଜୁ ବଗିଚା ଜୁଆଡ଼ିଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି। ଏଠାରେ ପ୍ରତିଦିନ ଖୁଲମଖୁଲା ଚାଲିଛି ଜୁଆ ଆଡ୍ଡା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଜୁଆଡ଼ିଙ୍କ ଆସର ଜମୁଛି। ତତସହ ଏଠାରେ ବ୍ୟାପକ ଭାବେ ନିଶା କାରବାର ମଧ୍ୟ ଖୁଲମଖୁଲା ଚାଲିଛି। ମଦ, ଗଞ୍ଜେଇ, ଭାଙ୍ଗ ଆଦି ମାଦକ ଦ୍ରବ୍ୟ ମିଳୁଛି। ଏହି ବ୍ଲକ ସହ ଅନ୍ୟ ଅଞ୍ଚଳରୁ ଜୁଆଡ଼ିମାନେ ପ୍ରତିଦିନ ଏହି ସ୍ଥାନରେ ଏକତ୍ରିତ ହୋଇ ଜୁଆ ଖେଳୁଛନ୍ତି। ଏହାର କୁପ୍ରଭାବ ଅନେକ କୋମଳମତି ଶିକ୍ଷିତ ଯୁବକଙ୍କ ଉପରେ ମଧ୍ୟ ପଡୁଛି। ଯୁବକମାନେ ଜୁଆ କେଳି ନିଜ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଉଛନ୍ତି। ପ୍ରତିଦିନ ଏହି ଆଡାରେ ଲକ୍ଷ ଲକ୍ଷ ଟଙ୍କାର ବାଜି ଲାଗୁଛି। ଏହାରକୁ ପ୍ରଭାବ ଏତେ ପରିମାଣର ବ୍ୟାପିଛି ଯେ ଅନେକ ଏହି ସଠା ଖେଳରେ ସର୍ବସ୍ୱାନ୍ତ ହେଉଥିବାର ଦେଖିବାକୁ ମିଳୁଅଛି। ସ୍ଥାନରେ ଦୀର୍ଘଦିନ ଧରୀ ଏହି ଜୁଆ ଆଡା ଚାଲୁଥିଲେ ସୁଦ୍ଧା ତାହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ କାହିଁକି ଆଜି ସୁଦ୍ଧା ଗଁଦିଆ ପୁଲିସ ନେଉନାହିଁ ବୋଲି ସାଧାରଣରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳୁଛି।

# ୧ରୁ ପୋରୁହଖୋଜରେ ବାଦୀପାଲା

ଗଁଦିଆ,୩୦ ।୩(ସମିସ): ପୋରୁହଖୋଜ ଆଞ୍ଚଳିକ ବାଦୀପାଲା ମଞ୍ଚ ଆନୁକୂଲ୍ୟରେ ଗଁଦିଆ ଥିଙ୍କର୍ସ ଫୋରମ ପ୍ରାଙ୍ଗଣରେ ଏପ୍ରିଲ ୧ରୁ ୪ ପର୍ଯ୍ୟନ୍ତ ଶ୍ରୀହର୍ଷକୃତ ନୈଷଧ ଉପରେ ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ ଓ ଗାୟକ ଦକ୍ଷିଣ କେଶରୀ ରାମଚନ୍ଦ୍ର କରଙ୍କ ମଧ୍ୟରେ ବାଦୀପାଲା ଅନୁଷ୍ଠିତ ହେବ। ୫, ୬ ଓ ୭ ତାରିଖ ଗାୟକ ରସସାଗର ବୈରାଗୀ ବେହେରା ଓ ଗାୟକ ବିଦଗ୍ଧ ନିଶିକାନ୍ତ ପଣ୍ଡା ପାଲା ପରିବେଷଣ କରିବେ। ସପ୍ତଦିନାତ୍ମକ ବାଦୀପାଲାକୁ ତୁମ୍ପା ସଙ୍ଗୀତ ବିଶାରଦ ଗାୟକ ସାମନ୍ତ ପ୍ରଫୁଲ୍ଲ ଷଡ଼ଙ୍ଗୀ ଉଦଘାଟନ କରିବେ। ପାଲା ସଂସ୍କୃତିର ଉପାସକ ସତ୍ୟଜିତ ବିମଳ ମିଶ୍ର ଓ ବିପ୍ଳବ ସମ୍ବିତ କୁମାର ସମ୍ମାନିତ ଅତିଥି ରୂପେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମର ମିଡିଆ ପାର୍ଟନର ଶ୍ରୀଜଗନ୍ନାଥ ପାଲା ଗବେଷଣା ପ୍ରତିଷ୍ଠାନ ବୋଲି ଅନୁଷ୍ଠାନର ସଭାପତି ରତିକାନ୍ତ ସାହୁ ଓ ସମ୍ପାଦକ ସୁବ୍ରତ କୁମାର ସାହୁ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ଅଭିଯୋଗ ଶୁଣାଣି ଶିବିରରେ ଅବ୍ୟବସ୍ଥା



ହିନ୍ଦୋଳ/ଖଜୁରିଆକଟା,୩୦ ।୩(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବିଜୁ ସଭାଗୃହରେ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୭୭ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୬୩ଟି ବ୍ୟକ୍ତିଗତ, ୧୦ଟି ସାମୂହିକ, ୩ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ଓ ଗୋଟିଏ ରେଡକ୍ରସ ପାଣ୍ଠିରୁ ସହାୟତା ନିମିତ୍ତ ଅଭିଯୋଗ ରହିଥିଲା। ୧୫ ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକ ବିଚାରକୁ ନିଆଯାଇଥିବା ପ୍ରଶାସନ ସୂତ୍ରରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରମେଶ ସେଠୀ, ଏସ୍‌ପି ଅଭିନବ ସୋନକର, ଏସଡିପିଓ ସତ୍ୟ କୁମାରନନ୍ଦ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଉପଜିଲ୍ଲାପାଳ ପ୍ରଭାସ ବେଉରା, ତହସିଲଦାର ଦିଲୀପ ସେଠୀ, ବିଡିଓ କଲ୍ୟାଣ ସୌରଭ ଦାସ, ଉପଖଣ୍ଡ ଚିକିତ୍ସାଧିକାରୀ ସୁଧାଂଶୁ ମିଶ୍ରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଅଭିଯୋଗ ଶୁଣାଣି ବିଷୟରେ ଆଗରୁ ଜନସାଧାରଣଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଏପରିକି ଶିବିରରେ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ପାଇଁ ବସିବା ଓ ପାନୀୟଜଳ ବ୍ୟବସ୍ଥା ହୋଇ ନ ଥିଲା। ଦୂରଦୂରାନ୍ତରୁ ଆସିଥିବା ଅଭିଯୋଗକାରୀ ଭୀଷଣ ଖରାରେ ଡହଳବିକଳ ହେଉଥିବା ଦେଖିବାକୁ ମିଳିଥିଲା।



# ଧର୍ମପରାୟଣା ମହିଳାଙ୍କ ଦେହାନ୍ତ



ଖଜୁରିଆକଟା,୩୦ ।୩(ସମିସ): ହିନ୍ଦୋଳ ଉପଖଣ୍ଡ ବାଲିମି ଗ୍ରାମର ନିରୋଦ ଜେନାମଣିଙ୍କ ଧର୍ମ ପତ୍ନୀ ବିରାଜିନୀ ଜେନାମଣି ୫୬ଙ୍କ ପରଲୋକ ଘଟିଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଥିବା ବେଳେ ଚିକିତ୍ସା ଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଜଣେ ମେଳାପୀ, ମିଷ୍ଟଭାଷୀ, ଧର୍ମପରାୟଣ ମହିଳା ଭାବେ ପରିଚିତ ଥିଲେ। ସେ ଗ୍ରାମରେ ପଧାନ ଘରର ବଡ ବୋହୁ ରୂପେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଶେଷ ସମୟରେ ତାଙ୍କୁ ସ୍ୱାମୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପୁତୁରା, ଝିଆରୀ, ପରିବାର ବର୍ଗ ଏବଂ ଆତ୍ମୀୟସ୍ୱଜନ ଯୋଗ ଦେଇ ଶେଷ ଦର୍ଶନ କରିଥିଲେ। ବିରକ୍ଷ ଜିନି ଜେନାମଣି ଖଜୁରିଆକଟା ସମ୍ବାଦ ପ୍ରତିନିଧି ପ୍ରଶାନ୍ତ ଜେନାମଣିଙ୍କ ବଡ ଭାଉଜ ଅଟନ୍ତି। ସାନ ପୁଅ ସିଙ୍କୁ ମୁଖାଗ୍ନି ଦେଇଥିଲେ।

## ● ଢେଙ୍କାନାଳ ଓକିଲ ସଂଘ ନିର୍ବାଚନ
# ଗୋପାଳ ସଭାପତି, ଟଙ୍କଧର ସମ୍ପାଦକ



ଢେଙ୍କାନାଳ,୩୦ ।୩(ସମିସ): ଢେଙ୍କାନାଳ ଓକିଲ ସଙ୍ଘର ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି। ଗୋପାଳ ଚନ୍ଦ୍ର ପାତ୍ର ସଭାପତି, ଦ୍ୱିତୀଚନ୍ଦ୍ର ବରାଳ ଉପସଭାପତି, ଟଙ୍କଧର ବେହେରା ସମ୍ପାଦକ, ତ୍ରିଲୋଚନ ସାହୁ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସଭାପତି ଗୋପାଳ ପାତ୍ର ୪୩୨ ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସଞ୍ଜୟ କୁମାର ମିଶ୍ର ୨୨୧ ଭୋଟ ପାଇଛନ୍ତି। ସେହିପରି ଉପସଭାପତି ଦ୍ୱିତୀକୃଷ୍ଣ ବରାଳ ୩୨୩ ଓ ପ୍ରତିଦ୍ୱନ୍ଦ୍ୱୀ ଦେବକାନ୍ତ ମିଶ୍ର ୨୨୫ ଏବଂ ମମତାଞ୍ଜଳି ବେହେରା ୬୬ ଭୋଟ ପାଇଛନ୍ତି। ସମ୍ପାଦକ ଟଙ୍କଧର ବେହରା ୩୩୩ ଭୋଟ ପାଇଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ପ୍ରଶାନ୍ତ କୁମାର ସାହୁ ୩୧୮, ଯୁଗ୍ମ ସମ୍ପାଦକ ତ୍ରିଲୋଚନ ସାହୁ ୩୧୯ ଭୋଟ ପାଇଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ଅଶୋକ ମଲ୍ଲିକ ୩୧୩ ଭୋଟ ପାଇଛନ୍ତି। ସେହିପରି କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ମଳୟ ପାଣିଗ୍ରାହୀ ୩୨୫, ସାଇକମଳି ପୃଷ୍ଟି ୨୫୦ ଓ ପ୍ରେମାନନ୍ଦ ବିହାରୀ ୨୫୦ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ଚଳିତ ଥର ମୋଟ ୬୬୬ ସଭ୍ୟ ଭୋଟଦାନ କରିଥିଲେ। ଭାବଗ୍ରାହୀ ପଣ୍ଡା ନିର୍ବାଚନ ପରିଚାଳନା କରିଥିଲେ।

# ୭୬ତମ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଢେଙ୍କାନାଳ,୩୦ ।୩(ସମିସ): ସ୍ଥାନୀୟ ମାଣ୍ଡବାସାହିସ୍ଥିତ ଶ୍ରୀଶ୍ରୀ ଚୈତନ୍ୟ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ୭୬ତମ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଛି। ୨୬ ତାରିଖ କମଗରା ଘାଟରେ ପୂଜାର୍ଚ୍ଚନା କରାଯାଇ କଳସଯାତ୍ରା କରାଯାଇଥିଲା। ୨୭ ତାରିଖ ସକାଳ ୬ଟାରୁ ନାମଯଜ୍ଞ ଅନୁଷ୍ଠିତ ହୋଇ ୨୮ ତାରିଖ ସକାଳ ୬ଟାରେ ଶେଷ ହୋଇଥିଲା। ଆଖପାଖ ଅଞ୍ଚଳର ୧୫ ସଙ୍କୀର୍ତ୍ତନ ମଣ୍ଡଳୀ ଅହୋରାତ୍ର ନାମ ଗାନ କରିଥିଲେ। ଶନିବାର ଦୁଇ ସଙ୍କୀର୍ତ୍ତନ ମଣ୍ଡଳୀ ବୈଠକ କୀର୍ତ୍ତନ ସହ ନଗରକୀର୍ତ୍ତନ କରିଥିଲେ। ମୁଖ୍ୟ ପୂଜକ ଜଗନ୍ନାଥ ତ୍ରିପାଠୀଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମାପନ କରାଯାଇଥିଲା। ସଭାପତି ପ୍ରାଣବନ୍ଧୁ ସାହୁ, ସମ୍ପାଦକ ବିଚିତ୍ରାନନ୍ଦ ସାହୁ, ଉପ ସଭାପତି ରଞ୍ଜନ କୁମାର ଦାସ, ସହ ସମ୍ପାଦକ ଚିନ୍ମୟ ସାହୁ, କୋଷାଧ୍ୟକ୍ଷ ସଙ୍ଗ୍ରାମ ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ନିରାକାର ସାହୁଙ୍କ ଦ୍ୱାରା ଦଧିହାଣ୍ଡି ଭଙ୍ଗା ଯାଇଥିଲା। ନୃସିଂହ ଚରଣ ସାହୁ ଓ ବିଷ୍ଣୁ ଚରଣ ସାହୁ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ୨ଦିନ ଧରି ଭକ୍ତମାନେ ପ୍ରସାଦସେବନ କରିଥିଲେ।



# ଜାତୀୟ ସେବା ଶିବିର ଉଦ୍‌ଯାପିତ



ଖଜୁରିଆକଟା,୩୦ ।୩(ସମିସ): ଢେଙ୍କାନାଳ ଜିଲ୍ଲା ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟରେ ଗତ ୨୪ ତାରିଖ ଠାରୁ ଆରମ୍ଭ ହୋଇଥିବା ଜାତୀୟ ସେବା ଶିବିର ୩୦ ତାରିଖ ଦିନ ଉଦଯାପିତ ହୋଇଛି। ପ୍ରୋଗ୍ରାମ ଅଫିସର ବ୍ରଜକିଶୋର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ସେବା ଶିବିରରେ ଗ୍ରାମ ସଫେଇ, ସ୍ୱଳ୍ପ ସଞ୍ଚୟ, ବୃକ୍ଷ ରୋପଣ, ନିଶା ନିବାରଣ, ନାରୀ ଶିକ୍ଷା, କୁସଂସ୍କାର ଦୂରୀକରଣ,ଯୋଗ, ଜଳଛତ୍ର ଭଳି ମହତ କାର୍ଯ୍ୟ କରିଥିଲେ। ମହାବିଦ୍ୟାଳୟ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନ ସଭାରେ ସ୍ଥାନୀୟ ଡାକ୍ତର ଚୈତନ୍ୟ ଚରଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ମାନବସେବା ମନୁଷ୍ୟର ଶ୍ରେଷ୍ଠ ଧର୍ମ। ଏଥିପାଇଁ ଆନ୍ତରିକତା ଓ ଦୃଢ଼ ମନୋବଳ ରହିବା ଆବଶ୍ୟକ ବୋଲି ଶିବିରାର୍ଥୀମାନଙ୍କୁ ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥି ରୂପେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ଓ କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ଯୋଗଦେଇ ପ୍ରତ୍ୟେକ ଶିବିରାର୍ଥି ଜୀବନକୁ କୃତାର୍ଥ କରିବା ନିମିତ୍ତ ପ୍ରତ୍ୟେକ ମାନବ ସେବାରେ ବ୍ରତୀ ହେବା ବିଧେୟ ବୋଲି ମାର୍ଗ ଦର୍ଶନ ଦେଇଥିଲେ। ମୁଖ୍ୟଅତିଥି ଶିବିରରେ ଯୋଗଦେଇଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରିବା ପରେ ବାଣିଜ୍ୟ ବିଭାଗର ଅଧାପକ ସୂକ୍ତପ୍ରୀୟ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀରାମ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ହିନ୍ଦୋଳ,୩୦ ।୩(ସମିସ): ହିନ୍ଦୋଳ ଉପଖଣ୍ଡ ନବକିଶୋରପୁର ଗ୍ରାମରେ ପବିତ୍ର ଶ୍ରୀରାମ ନବମୀ ଅବସରରେ ମର୍ଯ୍ୟଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମ ଚନ୍ଦ୍ରଙ୍କ ଭବ୍ୟ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ୨୪ ତାରିଖ ମଣ୍ଡଳ ଅଧିବାସ ଓ ଅଙ୍କୁରାରୋପଣ, ୨୫ ତାରିଖ ଶତାଧିକ ଶ୍ରଦ୍ଧାଳୁଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ କଳସାଧିବାସ, ସର୍ବ ଦେବଦେବୀ ଆବାହନ ପୂଜନ, ବୈଷ୍ଣବାଗ୍ନି ସ୍ଥାପନ, ମନ୍ଦିର ରତ୍ନମୁଦ ସହ ଶ୍ରୀବିଗ୍ରହଙ୍କ ଧାନ୍ୟାଧିବାସ ହୋଇଥିଲା। ୨୬ ତାରିଖରେ ସୂର୍ଯ୍ୟପୂଜା, ଗୋ ପୂଜା, ମଣ୍ଡପ ଦେବତା ପୂଜନ, ଶ୍ରୀ ବିଗ୍ରହ ଓ ପ୍ରାସାଦ ମହାସ୍ନାନ ଓ ଶ୍ରୀ ବିଗ୍ରହଙ୍କ ଶୟନ କରାଯାଇଥିଲା। ୨୭ ତାରିଖ ଦିନ ସୂର୍ଯ୍ୟ ପୂଜା, ଗୋ ପୂଜା, ମଣ୍ଡପ ଦେବତା ପୂଜନ, ହୋମ, ଶ୍ରୀ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା,ନ୍ୟାସ ଆଦି ଶାସ୍ତ୍ରୀୟ କର୍ମ ପରେ ପ୍ରତିଷ୍ଠା କର୍ମର ପୂର୍ଣ୍ଣାହୂତି ହୋଇଥିଲା। ଏକ ସୁସଜ୍ଜିତ ବିମାନରେ ଚଳନ୍ତି ପ୍ରତିମାକୁ ଘଣ୍ଟ,ଘଣ୍ଟା,ଢୋଲ ଓ ଲଉଡି ଖେଳ ମାଧ୍ୟମରେ ନଗର ପରିକ୍ରମା କରିଥିଲେ। ପଣ୍ଡିତ ପ୍ରଭାତ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଆଚାର୍ଯ୍ୟ ଭାବେ ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦର ସମ୍ପାଦକ ପଣ୍ଡିତ ସତ୍ୟ ନାରାୟଣ ତ୍ରିପାଠୀ ଯୋଗ ଦେଇଥିବା ବେଳେ ସହଯୋଗୀ ଆଚାର୍ଯ୍ୟ ଭାବେ ସୁଧାଂଶୁ ଶେଖର ମହାପାତ୍ର, ଚିତ୍ତରଞ୍ଜନ ମିଶ୍ର, ଅଶୋକ ମିଶ୍ର ଓ ନାରାୟଣ କର ପ୍ରମୁଖ ଯୋଗ ଦେଇଥିଲେ। କର୍ତ୍ତା ଭାବେ ସପତ୍ନିକ ରସାନନ୍ଦ ବେହେରା, ପତ୍ନୀ କୁମୁଦିନୀ ବେହେରା, ପୁରୁଷୋତ୍ତମ ବଳ ପତ୍ନୀ ସୁକାନ୍ତି ବଳ ପ୍ରମୁଖ ଯୋଗ ଦେଇ ଥିଲେ। ୪ ଦିନ ବ୍ୟାପୀ ଏହି ପ୍ରତିଷ୍ଠା ଉତ୍ସବରେ ଗ୍ରାମ ସଭାପତି ଉଲ୍ଲାସ ନାୟକ, ସମ୍ପାଦକ, ସ୍ୱପ୍ନେଶ୍ୱର ସାହୁ, ପ୍ରଦ୍ୟୁମ୍ନ ମିଶ୍ର, ଶିଶିର ନନ୍ଦ, ମୁରଲୀ ନନ୍ଦ, ନିରଞ୍ଜନ ମିଶ୍ର, ରବିନାରାୟଣ ନାୟକ, ପ୍ରଦୀପ ବେହେରା, ରଞ୍ଜନ ବେହେରା, ଜିତେନ୍ଦ୍ର ବେହେରା, ପ୍ରକାଶ ରାଉତ, ରୋହିତ ବେହେରା, ସୂର୍ଯ୍ୟମଣି ନାୟକ, ପ୍ରେମାନନ୍ଦ ବେହେରା, ଦିଗମ୍ବର ବେହେରା ଓ ଗ୍ରାମବାସୀ ମାନେ ସକ୍ରିୟ ସହଯୋଗ କରିଥିଲେ।



# ଗଡ଼ଖଙ୍କିରାରେ ବାଦୀପାଲା ମହୋତ୍ସବ



ଗଁଦିଆ,୩୦ ।୩(ସମିସ): ଗଁଦିଆ ବ୍ଲକ ଗଡ଼ଖଙ୍କିରା ଶ୍ରୀ ମହାବୀର ପୀଠରେ ପବିତ୍ର ଶ୍ରୀରାମ ନବମୀଠାରୁ ତିନିଦିନ ଧରି ବାଦୀପାଲା ମହୋତ୍ସବ ଅନୁଷ୍ଠିତ ହୋଇଛି। ଗାୟକ ରାଜହଂସ ରମାକାନ୍ତ ପାତ୍ର (କେନ୍ଦୁଝର) ଓ ଗାୟକ କଲ୍ଲୋଳ ସନ୍ତୋଷ କୁମାର ପଟ୍ଟନାୟକ (କଟକ) ପାଲା ପରିବେଷଣ କରିଥିଲେ। ଓଡ଼ିଶାର ସଂସ୍କୃତି, ସାହିତ୍ୟ, ଭାଷା ଓ ଚଳଣି ସହ ହଜିଯାଇଥିବା ଲୋକକଳା, ଛନ୍ଦ, ବ୍ୟାକରଣ, ବେଦ, ଉପନିଷଦ, ଚଉପଦି, ଚମ୍ପୁ, ଗୀତା, ରାମାୟଣ, ଭାଗବତ, ମହାଭାରତ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ପ୍ରାକ୍ତନ ଶିକ୍ଷକ ହେମନ୍ତ ବ୍ରହ୍ମ, ପ୍ରାକ୍ତନ ସରପଞ୍ଚ ନରହରି ସାହୁ ଓ ଶିକ୍ଷା ସମାଜସେବୀ ତଥା କବି ଅଶୋକ ପତି ଓ ଉଦ୍ୟୋକ୍ତା ନାରାୟଣ ସିଂ ଉତ୍ତରୀୟ ସହ ମାନପତ୍ର ପ୍ରଦାନ କରିଥିଲେ।

# ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଢେଙ୍କାନାଳ,୩୦ ।୩(ସମିସ): ଗଁଦିଆ ବ୍ଲକ କଙ୍କା ଗ୍ରାମରେ କ୍ରିଷ୍ଣା କହ୍ନେୟା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ରାତ୍ରକାଳୀନ ଟେନିସବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଜିଲ୍ଲାର ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ସିମିଳିଆ ଓ ବେଲଟିକିରି ମଧ୍ୟରେ ହୋଇଥିଲା। ବେଲଟିକିରି ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୌରାଧକ୍ଷା ଜୟନ୍ତୀ ପାତ୍ର ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।



## ୨୧୭ ଚାଷୀ ଧାନ ବିକ୍ରିରୁ ବଞ୍ଚିତ
# ପ୍ୟାକ୍ସ ସମ୍ମୁଖରେ ଦ୍ୱିତୀୟ ଦିନ ଧାରଣା

କଙ୍କଡ଼ାହାଡ଼,୩୦ ।୩(ସମିସ): କଙ୍କଡ଼ାହାଡ଼ ବ୍ଲକ କଙ୍କଡ଼ାହାଡ଼ ପ୍ରାଥମିକ କୃଷି ସମବାୟ ସମିତିରେ ଚାଷୀଙ୍କ ଟୋକନ ଅବଧି ପରେ ଧାନ ବିକ୍ରି ନ ହେବାରୁ ଅସନ୍ତୋଷ ତେଜିବାରେ ଲାଗିଛି। ନିର୍ଦ୍ଧାରିତ ତାରିଖ ଶେଷ ହେବାକୁ ବସିଥିବା ବେଳେ ଧାନ କିଣା ଯାଉନାହିଁ। ଏହି ସେବା ସମବାୟ ସମିତିରେ ୧୨୫୦ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୮୦୨ ଚାଷୀଙ୍କ ଧାନ ବିକ୍ରି ହୋଇଥିଲା ବେଳେ ୪୪୮ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ରହିଥିଲେ। ଧାନ ବିକ୍ରିରୁ ବଞ୍ଚିତ ଚାଷୀ ଗତ ୨୭ ତାରିଖ ସେବା ସମବାୟ ସମିତି ଆଗରେ ଆନ୍ଦୋଳନ କରିଥିଲେ। ଆନ୍ଦୋଳନର ୪ ଦିନ ପରେ ଅର୍ଥାତ ସୋମବାର ସୁଦ୍ଧା ୨୩୧ ଚାଷୀ ଧାନ ବିକ୍ରି କରିଥିଲା ବେଳେ ୨୧୭ ଜଣ ଧାନ ବିକ୍ରିରୁ ବଞ୍ଚିତ ରହିଛନ୍ତି। ୩୧ ତାରିଖ ଧାନ କିଣା ଶେଷ ହେବାକୁ ଥିବାବେଳେ ଆଉ ଧାନ କିଣା ହେବ କି ନାହିଁ ସେ ନେଇ ଚାଷୀମାନେ ଅନିଶ୍ଚିତତାରେ ରହିଛନ୍ତି। ଧାନ ବିକ୍ରିରୁ ବଞ୍ଚିତ ଚାଷୀମାନେ ଆଜି ପୁଣି ସେବା ସମବାୟ ସମିତି ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଚାଷୀଙ୍କ ଧାନ କିଭଳି ସୁଚାରୁରୂପେ ବିକ୍ରି ହେବ ସେଥିପାଇଁ ବ୍ଲକ ପ୍ରଶାସନ, ମିଲର ଓ ଚାଷୀମାନଙ୍କୁ ନେଇ କଙ୍କଡ଼ାହାଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ବୈଠକ ହୋଇଥିଲା। ଧାନ ବିକ୍ରିରୁ ବଞ୍ଚିତ ୨୧୭ ଜଣ ଚାଷୀଙ୍କ ଧାନ କିଣିବା ପାଇଁ ମିଲରଙ୍କ ପାଖରେ ୫୨୦୦ କୁଇଣ୍ଟାଲ ଧାନ ଆବଶ୍ୟକତା ରହୁଥିବା ବେଳେ ମିଲରଙ୍କ ଅସହଯୋଗ କାରଣରୁ ଧାନ ବିକ୍ରି ହେଉ ନ ଥିବା ଅଭିଯୋଗ କରିଛନ୍ତି ଚାଷୀ। ବୈଠକରେ ବିଡିଓ ଯଶୋବନ୍ତ ଦେହୁରୀ, ତହସିଲଦାର ସୌଦାମିନୀ ନାୟକ, ଏବିଡିଓ ସୁଚିସ୍ମିତା ନାୟକ, ଯୋଗାଣ ଅଧିକାରୀ, ସବାସମବାୟ ସମିତି ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ଦାସ, ମିଲର କର୍ତ୍ତୃପକ୍ଷ ଶରତ ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ଚାଷୀମାନଙ୍କ ଧାନ କିଭଳି ବିକ୍ରି ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଧାନ ବିକ୍ରିରୁ ବଞ୍ଚିତ ଚାଷୀଙ୍କ ଧାନ ବିକ୍ରି ହେବା ପାଇଁ ମିଲର ପ୍ରତିଶ୍ରୁତି ଦେଇଥିବା ସେବା ସମବାୟ ସମିତି ସମ୍ପାଦକ ସୂଚନା ଦେଇଛନ୍ତି।



## ଚାଷୀ ଓ ମିଲରଙ୍କ ମଧ୍ୟରେ ବୈଠକ

